# ODM PUBLIC SCHOOL

**SESSION :04**
**CLASS :3**
**SUBJECT : ODIA**
**CHAPTER NUMBER: 03**
**CHAPTER NAME : ଚାଲ ଘର କରିବା**
**SUBTOPIC : ଅଭ୍ୟାସ ୬,୧୧ ଓ ସୃଜନାତ୍ମକ ଲିଖନ(ଘର)**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନେ କିପରି ପ୍ରଶ୍ନ ଉତ୍ତର ମାଧ୍ୟମରେ  ବିଷୟ ବସ୍ତୁକୁ ସହଜରେ ମନେ ରଖିବେ ,ସେଥିପ୍ରତି ଧ୍ୟାନ ଦେବା ଓ ସେମାନଙ୍କର ସୃଜନାତ୍ମକ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟାଇବା ।



ODM EDUCATIONAL GROUP

# ଚାଲ, ଘର କରିବା

ODM EDUCATIONAL GROUP

ବିପ୍ଳବ ଓ ପ୍ରହ୍ଲାଦ ଦୁଇ ସାଙ୍ଗ । ବିପ୍ଳବର ବଗିଚାରେ ଦୁହେଁ ବୁଲୁଥିଲେ । କିଛି ଲୋକ ଗୋଟିଏ ବଡ଼ ଗଛ ତଳେ ଠିଆ ହୋଇଥିବାର ସେମାନେ ଦେଖିଲେ । ସେମାନେ ସେ ଗଛରେ ଥିବା ପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ ।



ବିପ୍ଳବ କହିଲା, "ସେଠାରେ ଭିଡ଼ କାହିଁକି ହୋଇଛି ?" ପ୍ରହ୍ଲାଦ କହିଲା, "ଚାଲ, ସେଠାକୁ ଯାଇ ଦେଖିବା ।" ଦୁହେଁ ସେଠାକୁ ଗଲେ । ଲୁଚିକରି ସେମାନଙ୍କ କଥା ଶୁଣିଲେ । କଥା ଶୁଣି ଦୁହେଁ ଡରିଗଲେ ।

ଆରେ, ଏମାନେ ତ ଆମ ଗଛକୁ କାଟିଦେବେ । ବରଷା ଦିନ ଆସୁଛି । ପକ୍ଷୀମାନେ କରିବେ କ'ଣ ? ଘର ଭାଙ୍ଗିଯିବ । ବିଚରାମାନେ ରହିବେ କେଉଁଠି ? ଶୋଇବେ କେଉଁଠି ? ଛୁଆ ପାଳିବେ କେମିତି ?



ଏ ସବୁ ଶୁଣି ପ୍ରହ୍ଲାଦ କହିଲା, "ମୁଁ ବନବିଭାଗ ଅଫିସ୍‌କୁ ଯାଉଛି । ସେଠି ଖବର ଦେବି । ମୁଁ ଆସିବାଯାଏଁ ତୁ ଏମାନଙ୍କୁ ଅଟକାଇ ରଖିବୁ । ଗଛ କାଟିବାକୁ ଦେବୁନାହିଁ ।" ବିପ୍ଳବର ଅକଲ୍‌ଗୁଡୁମ୍ ହୋଇଗଲା । କରିବ କ'ଣ ? ହଠାତ୍ ତା'ର ମାଙ୍କଡ଼ର କଥା ମନେ ପଡ଼ିଲା । ମାଙ୍କଡ଼ ପାଖକୁଯାଇ ସବୁକଥା କହିଲା ।

ଦୁହେଁ ସେଠାକୁ ଗଲେ । ଲୋକମାନେ ଗଛ କାଟିବାକୁ ସଜ ହେଉଥିଲେ । ମାଙ୍କଡ଼ ବିପ୍ଳବକୁ ତଳେ ଛିଡ଼ାହେବାପାଇଁ କହିଲା । ସେ ଗଛ ଉହାଡ଼ରୁ ସେମାନଙ୍କ ଉପରକୁ ପଥର ଫୋପାଡ଼ିଲା ।



ଏପଟେ ପ୍ରହ୍ଲାଦ ବନବିଭାଗ ଅଫିସ୍‌ରେ ପହଞ୍ଚିଲା । ସବୁକଥା କହିଲା । ସଭିଏଁ ସଙ୍ଗେସଙ୍ଗେ ଆସିଲେ । ପଥରମାଡ଼ ଖାଇ କେତେଜଣ ଘାଇଲା ହୋଇଯାଇଥିଲେ । ବନବିଭାଗର ଲୋକମାନଙ୍କୁ ଦେଖି ସେମାନେ ଦୌଡ଼ି ପଳାଇଲେ । ଆଉ କେତେଜଣ ଧରାପଡ଼ିଲେ । ପ୍ରହ୍ଲାଦ, ବିପ୍ଳବ ଓ ମାଙ୍କଡ଼ର କାମ ଯୋଗୁଁ ଗଛର କିଛି କ୍ଷତି ହେଲାନାହିଁ ।





## ଅଭ୍ୟାସ୬-ଘରଟିଏ ନ ଥିଲେ କଣ ସବୁ ଅସୁବିଧା ହେବ ? ସାଙ୍ଗ ମାନଙ୍କ ସହ ଆଲୋଚନା କରି ଲେଖ |

ଉ: ରହିବା ପାଇଁ ଘରଟିଏ ନଥିଲେ, ଆମକୁ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଯଥା- ଜୀବଜନ୍ତୁମାନଙ୍କ ଆକ୍ରମଣରୁ ଆମେ ନିଜକୁ ରକ୍ଷା କରିପାରିବା ନାହିଁ । ଖରା, ବର୍ଷା, ଶୀତ ଓ କାକରରେ ଆମେ ରୋଗାକ୍ରାନ୍ତ ହୋଇଯିବା ଏବଂ ସୁସ୍ଥ ଜୀବନଯାପନ କରିପାରିବା ନାହିଁ। ଆମେ ଆମର ଖାଦ୍ୟ ସୁବିଧାରେ ପ୍ରସ୍ତୁତ କରିପାରିବା ନାହିଁ। ମଣିଷର ସୁରକ୍ଷା ଓ ସୁସ୍ଥ ଜୀବନଯାପନ ପାଇଁ ଘରର ନିତ୍ୟାନ୍ତ ଆବଶ୍ୟକତା ରହିଛି।

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ-୧ ୧ଘର କହିଲେ ଯେଉଁ ସବୁ କଥା ତୁମ ମନକୁ ଆସୁଛି ଲେଖ

ଯେପରି-

(କ) ଘର ଆମକୁ ଖରା ବରଷାରୁ ରକ୍ଷା କରେ।

(ଖ) ଘର ଆମକୁ ଶୀତ, କାକର ଦାଉରୁ ରକ୍ଷା କରେ।

(ଗ) ଏହା ଆମକୁ ଜୀବଜନ୍ତୁମାନଙ୍କ କବଳରୁ ରକ୍ଷା କରେ।

(ଘ) ଘର ଆମକୁ ଝଡ଼, ବାତ୍ୟା, ବନ୍ୟା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରେ।

(ଙ) ଚୋର ଓ ଡାକୁମାନଙ୍କ କବଳରୁ ଆମକୁ ମଧ୍ୟ ରକ୍ଷା କରେ।

(ଚ) ମଣିଷର ସୁରକ୍ଷା ପାଇଁ ଘରଟିଏ ନିତ୍ୟାନ୍ତ ଆବଶ୍ୟକ।

(ଛ) ଘର ବିଭିନ୍ନ ପ୍ରକାରର ଥାଏ, ଯଥା- କୋଠାଘର, ମାଟିଘର, ଚାଳ ଘର, ଟାଇଲ ଘର, ତମ୍ବୁ ଘର ଇତ୍ୟାଦି।

(ଜ) ଘରଟିଏ ନିର୍ମାଣ କରିବାକୁ ହେଲେ ଆମେ ବିଭିନ୍ନ ବସ୍ତୁର ଆବଶ୍ୟକ କରିଥାଉ। ଯଥା- ଇଟା, ବାଲି, ସିମେଣ୍ଟ, ରଡ଼, କାଠ, କାଦୁଅ, ଟାଇଲ୍ ଇତ୍ୟାଦି।

(ଝ) ଘରଟି ଆମକୁ ସବୁପ୍ରକାରର ସୁରକ୍ଷା ଦେଇଥାଏ।

ODM EDUCATIONAL GROUP
Changing your Tomorrow

# ସୃଜନାତ୍ମକ ରଚନା



# ଘର



- ଏହା ଏକ ଘର ର ଛବି |
- ଘର ବିଭିନ୍ନ ପ୍ରକାରର ଦେଖିବାକୁ ମିଳେ –

ଯଥା –ପକ୍କାଘର,ଚାଳଘର,ତମ୍ବୁଘର,ଟାଇଲିଘର ଆଦି |

ଘରର  ବିଭିନ୍ନ ପ୍ରକାରର କୋଠରୀ ଦେଖିବାକୁ ମିଳେ ଯଥା-ଶୋଇବାଘର, ଗାଧୁଆଘର ,ରୋଷେଇଘ,ବୈଠକଖାନା ଇତ୍ୟାଦି |

ଘର ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ଆମେ ଆମ ପରିବାର ସହିତ ବସବାସ କରିଥାଉ |

ଏହା ଆମକୁ ଖରା ,ବର୍ଷା,ଶୀତ ,କାକର ,ପଶୁପକ୍ଷୀ ଓ ପ୍ରାକୃତିକ ବିପଦରୁ ଆମମାନଙ୍କୁ ରକ୍ଷା କରେ

ମଣିଷର ସୁରକ୍ଷା ପାଇଁ ବାସଗୃହର ନିତ୍ୟାନ୍ତ ଆବଶ୍ୟକତା ରହିଛି |

# ଗୃହକର୍ମ

ଅଭ୍ୟାସ -୮,୯ କୁ ଖାତାରେ କର ଓ ଦୁଇ ପୃଷ୍ଠା ହସ୍ତାକ୍ଷର ଲେଖ |



ODM EDUCATIONAL GROUP

ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ, ଲିଖନ ତଥା ସୃଜନାତ୍ମକ ଲିଖନ  ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP